## ଆଜି ଓଡିଶା ବିଧାନ ସଭାରେ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ 3654.23 କୋଟି ଟଙ୍କାର ଅତିରିକ୍ତ ବ୍ୟୟ୍ ବରାଦର ଅନୁମୋଦନ ପାଇଁ ଉପସ୍ଥାପନ କରିଛନ୍ତି ।

---

ଆଜି ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ରାଜ୍ୟର 2006–07 ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବ୍ୟୟ୍ ବରାଦ 3654.23 କୋଟି ଟଙ୍କା ବିଧାନ ସଭାର ମଞ୍ଜୁରୀ ପାଇଁ ଉପସ୍ଥାପନ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ 2004–05 ଆର୍ଥିକ ବର୍ଷରେ ଅତିରିକ୍ତ ବ୍ୟୟ୍ ବରାଦ 2127.22 କୋଟି ଟଙ୍କା ଓ 2005–06 ଆର୍ଥିକ ବର୍ଷରେ 2020.28 ଟଙ୍କାର ପେଶ୍ ହୋଇଥିଲା ବେଳେ ଚଳିତ ଆର୍ଥିକ (2006–07) ବର୍ଷ ପାଇଁ ସର୍ବ ବୃହତ୍ 3654.23 କୋଟି ଟଙ୍କାର ଅତିରିକ୍ତ ବ୍ୟୟ୍ ବରାଦ ବିଧାନ ସଭାରେ ଉପସ୍ଥାପନ କରିଛନ୍ତି ।

**Provision for First Supplementary Statement of Expenditure**

**(Rs. in crore)**

| | **2004-05** | **2005-06** | **2006-07** |
|---|---|---|---|
| Non-Plan | 1586.13 | 723.61 | 2083.97 |
| State Plan | 490.75 | 978.44 | 1306.13 |
| Central Plan | 15.30 | 38.59 | 85.47 |
| Centrally Sponsored Plan | 35.04 | 279.64 | 178.66 |
| **TOTAL** | **2127.22** | **2020.28** | **3654.23** |

### ଅତିରିକ୍ତ ବ୍ୟୟ୍ ବରାଦର ଆବଶ୍ୟକତା

- ବାର୍ଦ୍ଧକ୍ୟ ଓ ଅକର୍ମଣ୍ୟ ପେନସନ୍ ଭତ୍ତା ତା 1.3.2006 ରିଖ ଠାରୁ ମାସିକ 100 ଟଙ୍କାରୁ 200 ଟଙ୍କାକୁ ବୃଦ୍ଧି । ଏଥିପାଇଁ ମୂଳ ବଜେଟରେ ବ୍ୟବସ୍ଥା ନଥିଲା ।
- ତା 1.4.2006 ରିଖରୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ସରକାରୀ କର୍ମଚାରୀଙ୍କ ଦରମାରେ 50 ପ୍ରତିଶତ ମହଙ୍ଗା ଭତ୍ତା ମିଶ୍ରଣ ।
- ମୂଳ ପେନସନ୍‌ରେ ତା 1.4.2006 ରିଖରୁ 50 ପ୍ରତିଶତ ଟି.ଆଇ ମିଶ୍ରଣ ।
- ତା 1.7.2005 ରିଖଠାରୁ ସରକାରୀ କର୍ମଚାରୀଙ୍କୁ ଅତିରିକ୍ତ 4 ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନ ।
- ତା 1.7.2005 ରିଖଠାରୁ ପେନସନ୍ ଭୋଗୀଙ୍କୁ ପେନସନରେ ଅତିରିକ୍ତ 4 ପ୍ରତିଶତ ଟି.ଆଇ. ପ୍ରଦାନ ।
- 11ଟି ଉପକୂଳବର୍ତ୍ତୀ ଜିଲ୍ଲାରେ 2006–07 ଆର୍ଥିକ ବର୍ଷଠାରୁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପ୍ରବର୍ତ୍ତନ ।

- କେ.ବି.କେ ଜିଲ୍ଲାରେ ଅଗ୍ରାଧିକାର ଭିତ୍ତିରେ 2006–07 ଆର୍ଥିକ ବର୍ଷଠାରୁ ବିଜୁ କେ.ବି.କେ. ଯୋଜନା ପ୍ରବର୍ତ୍ତନ ।
- ବନ୍ୟାଜନିତ କ୍ଷୟକ୍ଷତି ଜନିତ ପୁନଃ ନିର୍ମାଣ କାର୍ଯ୍ୟକ୍ରମ ପାଇଁ ଅତିରିକ୍ତ 418.71 କୋଟି ଟଙ୍କା (ମୂଳ ବଜେଟରେ 330.24 କୋଟି ଟଙ୍କା), ଏହିପରି ମୋଟ ଉପରେ ରିଲିଫ୍ ବାବଦକୁ 2006–07 ଆର୍ଥିକ ବର୍ଷରେ ଖର୍ଚ୍ଚ ପାଇଁ ବ୍ୟୟ ବରାଦ 748.41 କୋଟି ଟଙ୍କା ।
- ଖରିଫ୍ ଓ ରବି ଚାଷ ପାଇଁ ଚାଷୀମାନଙ୍କୁ ସମବାୟ ବ୍ୟାଙ୍କମାନଙ୍କ ଦ୍ୱାରା ଦିଆଯାଉଥିବା ଋଣ ଉପରେ ସୁଧ ରିହାତି ବାବଦକୁ 35.00 କୋଟି ଟଙ୍କା ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।
- କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅନ୍ତର୍ଗତ କେନ୍ଦ୍ରୀୟ ସହାୟତା ପାଇଁ ରାଜ୍ୟର ଅଂଶ ବାବଦକୁ ଅର୍ଥ ପ୍ରଦାନ ।
- RIDF ଏବଂ ଅନ୍ୟାନ୍ୟ ଯୋଜନାର ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ଅତିରିକ୍ତ ବ୍ୟୟ ବରାଦ ।
- ବିଭିନ୍ନ ଉଦ୍ଦେଶ୍ୟରେ ଅଡିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅର୍ଥର ଭରଣା ନିମନ୍ତେ 148.22 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ।

## Thrust of the Budget

ଅତିରିକ୍ତ ବ୍ୟୟ ବରାଦ କଲା ବେଳେ ରାଜ୍ୟ ସରକାର ମୁଖ୍ୟତଃ ନିମ୍ନ ଲିଖିତ କାର୍ଯ୍ୟକ୍ରମଗୁଡିକୁ ଅଗ୍ରାଧିକାର ଦେଇଛନ୍ତି ।

- ଦୁଇଟି ନୂତନ ଯୋଜନା କାର୍ଯ୍ୟକାରୀ କରିବା, ଯଥା,
  (କ) ଗୋପବନ୍ଧୁ ଗ୍ରାମୀଣ ଯୋଜନା – 110.00 କୋଟି ଟଙ୍କା, ଏବଂ
  (ଖ) ବିଜୁ କେ.ବି.କେ ଯୋଜନା – 20.00 କୋଟି ଟଙ୍କା
- ଖରିଫ୍ ଓ ରବି ଚାଷ ପାଇଁ ଚାଷୀମାନଙ୍କୁ ସମବାୟ ବ୍ୟାଙ୍କମାନଙ୍କ ଦ୍ୱାରା ଦିଆଯାଉଥିବା ଋଣ ଉପରେ ସୁଧ ରିହାତି ବାବଦକୁ 35.00 କୋଟି ଟଙ୍କା ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ଓ ଏଥିପାଇଁ ଅତିରିକ୍ତ ବ୍ୟୟ ବରାଦ କରାଯାଇଛି ।
- ବନ୍ୟାଜନିତ କ୍ଷୟକ୍ଷତି ଜନିତ ପୁନଃ ନିର୍ମାଣ କାର୍ଯ୍ୟକ୍ରମ ପାଇଁ ଅତିରିକ୍ତ 418.71 କୋଟି ଟଙ୍କା (ମୂଳ ବଜେଟରେ 330.24 କୋଟି ଟଙ୍କା), ଏହିପରି ମୋଟ ଉପରେ ରିଲିଫ୍ ବାବଦକୁ 2006–07 ଆର୍ଥିକ ବର୍ଷରେ ଖର୍ଚ୍ଚ ପାଇଁ ମୋଟ ବ୍ୟୟ ବରାଦ 748.41 କୋଟି ଟଙ୍କା କରାଯାଉଛି (କେନ୍ଦ୍ର ସରକାର ବର୍ତ୍ତମାନ 83.66 କୋଟି

ଟଙ୍କା ବନ୍ୟା କ୍ଷୟକ୍ଷତି ପାଇଁ ଦେଇଛନ୍ତି ଏବଂ ଏଥିରେ 2007–08 ଆର୍ଥିକ ବର୍ଷର Advance 58.66 କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ) ।

- କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ରାଜ୍ୟର ଅଂଶ ବାବଦକୁ ଅତିରିକ୍ତ 80.76 କୋଟି ଟଙ୍କା (ମୂଳ ବଜେଟରେ 501.83 କୋଟି ଟଙ୍କା) ।
- ନାବାର୍ଡ ସାହାଯ୍ୟପ୍ରାପ୍ତ ପ୍ରକଳ୍ପଗୁଡିକୁ ସଂପୂର୍ଣ୍ଣ କରିବା ଓ ଚାଲୁଥିବା କାର୍ଯ୍ୟକ୍ରମର ଅଗ୍ରଗତି ପାଇଁ ଅତିରିକ୍ତ ବ୍ୟୟ ବରାଦ 231.62 କୋଟି ଟଙ୍କା, ଯଥା
  (କ) ଗ୍ରାମ୍ୟ ଉନ୍ନୟନ ବିଭାଗ – 51.75 (ମୂଳ ବଜେଟରେ 60.00 କୋଟି ଟଙ୍କା)
  (ଖ) ପୂର୍ତ୍ତ ବିଭାଗ – 109.97 (ମୂଳ ବଜେଟରେ 115.00 କୋଟି ଟଙ୍କା)
  (ଗ) ଜଳ ସମ୍ପଦ ବିଭାଗ – 64.90 (ମୂଳ ବଜେଟରେ 105.00 କୋଟି ଟଙ୍କା)
  (ଘ) କୃଷି ବିଭାଗ – 5.00 କୋଟି ଟଙ୍କା (ମୂଳ ବଜେଟରେ 10 କୋଟି ଟଙ୍କା)
- ତ୍ୱରିତ୍ ଜଳ ସେଚନ ପ୍ରକଳ୍ପ ପାଇଁ (AIBP) – 143.60 (ମୂଳ ବଜେଟରେ 363.00 କୋଟି ଟଙ୍କା) ଅନ୍ତର୍ଭୁକ୍ତ ।
- ପୁଞ୍ଜି (Capital Expenditure) ବାବଦରେ ଅଧିକ ବ୍ୟୟ ବରାଦ କରିବା (Additional Rs.905.38 crpre + Original Rs.3613.70 crore) ।
- ସରକାରୀ କର୍ମଚାରୀ ଓ Grant-in-Aid ଦରମା ପାଉଥିବା କର୍ମଚାରୀମାନଙ୍କ ନିକଟରେ କାର୍ଯ୍ୟକାରୀ ହୋଇଥିବା ଦରମା ଓ ମହଙ୍ଗା ଭତ୍ତା ବୃଦ୍ଧି ବାବଦକୁ ଏହି ଅତିରିକ୍ତ ବଜେଟରେ ବ୍ୟୟ ବରାଦ କରାଯାଇଛି । ଏହାର ପରିମାଣ ପ୍ରାୟ 933.00 କୋଟି ଟଙ୍କା ।

**ଅଣଯୋଜନା ମୁଖ୍ୟାଂଶ ... 2083.97 କୋଟି ଟଙ୍କା**

ଅନ୍ୟାନ୍ୟ ମୁଖ୍ୟ ଅତିରିକ୍ତ ବ୍ୟୟ ବରାଦ ମଧ୍ୟରେ ନିମ୍ନ ଲିଖିତ ବ୍ୟୟ ବରାଦ ଉଲ୍ଲେଖ ଯୋଗ୍ୟ ।

- ରାଜ୍ୟ ବାର୍ଦ୍ଧକ୍ୟ ଓ ଅକର୍ମଣ୍ୟ ପେନସନ୍ ଯୋଜନା ପାଇଁ ଅତିରିକ୍ତ 96.00 କୋଟି ଟଙ୍କା (Rs.81 cr. + 15 cr.) ର ବ୍ୟୟ ବରାଦ ।
- ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା ଜରିଆରେ ଆଦିବାସୀ ଓ ହରିଜନ ଛାତ୍ରଙ୍କ ହଷ୍ଟେଲ ଓ ସ୍କୁଲର ନିର୍ମାଣ, ନବୀକରଣ ଓ ମରାମତି ପାଇଁ 20.00 କୋଟି ଟଙ୍କା ଅତିରିକ୍ତ ବ୍ୟବସ୍ଥା ।
- ପଞ୍ଚାୟତ ସମିତି ଜରିଆରେ ଅଙ୍ଗନବାଡି କେନ୍ଦ୍ରର ମରାମତି ଓ ପୁନରୁଦ୍ଧାର ପାଇଁ 5.00 କୋଟି ଟଙ୍କା ।

- ନକ୍ସଲ ଉପଦ୍ରୁତ ଅଞ୍ଚଳରେ 1652 ଜଣ ଅବସର ପ୍ରାପ୍ତ ସାମରିକ କର୍ମଚାରୀ ମୁତୟନ ପାଇଁ ଅତିରିକ୍ତ 5.00 କୋଟି ଟଙ୍କା ।
- ବନ୍ଦୀମାନଙ୍କର ଖୋରାକି ପାଇଁ (enhancement cost of diets for the prisoners) ଅତିରିକ୍ତ 2.00 କୋଟି ଟଙ୍କା.
- ହାଜତ ବନ୍ଦୀମାନଙ୍କର ଖୋରାକି ପାଇଁ (enhancement cost of diets for the detenues under the police custody) ଅତିରିକ୍ତ 10.00 ଲକ୍ଷ ଟଙ୍କା ।
- Dedicated security Wing in Intelligence ପାଇଁ 75.00 ଲକ୍ଷ ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ।
- Strengthening the Secret Service under Intelligence ପାଇଁ 60.00 ଲକ୍ଷ ଟଙ୍କା ।
- ଗୃହରକ୍ଷୀ Duty Call Allowance ବୃଦ୍ଧି ପାଇଁ 18.00 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ।
- ପ୍ରସ୍ତାବିତ ସର୍ବଭାରତୀୟ ଆର୍ୟୁବିଜ୍ଞାନ କେନ୍ଦ୍ର, ସିଜୁଆଠାରେ ରାସ୍ତାର ଉନ୍ନତି ଓ ପରିବୃଦ୍ଧି ପାଇଁ ଅତିରିକ୍ତ 1.00 କୋଟି ଟଙ୍କା ।
- ପ୍ରସ୍ତାବିତ ସର୍ବଭାରତୀୟ ଆର୍ୟୁବିଜ୍ଞାନ କେନ୍ଦ୍ର, ସିଜୁଆଠାରେ ଜଳ ଯୋଗାଣ ପାଇଁ 1.50 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ।
- ରିଲିଫ୍ ଖର୍ଚ୍ଚ ପାଇଁ 418.71 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ।
- ତହସିଲଦାର ଓ ସବ୍ କଲେକ୍ଟର ମାନଙ୍କର ପୁରୁଣା ଗାଡି Replacement ପାଇଁ 2.38 କୋଟି ଟଙ୍କା ।
- ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ପୁଞ୍ଜି ହିସାବ ଅନ୍ତର୍ଗତ RIDF ଓ ଅନ୍ୟାନ୍ୟ ଯୋଜନାର ଅସମ୍ପୂର୍ଣ୍ଣ ରାସ୍ତା ଓ ସେତୁ ନିର୍ମାଣ ପାଇଁ 5.00 କୋଟି ଟଙ୍କା ଲେଖାଏଁ ଅତିରିକ୍ତ ବ୍ୟୟ ବରାଦ ।
- ଭୁବନେଶ୍ୱରର ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କ ଫ୍ଲାଟ୍ କ୍ୱାର୍ଟରସ୍ ରେ ଜଳ ଯୋଗାଣ ପାଇଁ ଉପର ଟାଙ୍କି ନିର୍ମାଣ (Over-head Tank) ପାଇଁ 7.50 କୋଟି ଟଙ୍କା ବ୍ୟୟ ବରାଦ ।
- ପୁଞ୍ଜି ହିସାବରେ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ widening, strengthening and improving different critical roads ପାଇଁ 5.00 କୋଟି ଟଙ୍କା ହିସାବରେ ଉଭୟ ବିଭାଗ ପାଇଁ ମୋଟ 10.00 କୋଟି ଟଙ୍କାର ବ୍ୟୟ ବରାଦ ।
- ଜଙ୍ଗଲ ଉନ୍ନୟନ ଟିକସରୁ ଜଙ୍ଗଲ ସୁରକ୍ଷା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ବଜେଟ୍ ରେ 3.00 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ।

- ଓଡିଶା ଉଠାଜଳସେଚନ ନିଗମ କର୍ମଚାରୀଙ୍କୁ ବେତନ ପ୍ରଦାନ ନିମନ୍ତେ ଜଳଟିକସ ରିହାତି ବାବଦରେ 3.59 କୋଟି ଟଙ୍କାର water rate subsidy. (ଏହା ବାବଦରେ ରାଜ୍ୟ ଯୋଜନାରେ 3.00 କୋଟି ଟଙ୍କା)
- ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ପ୍ରସ୍ତାବିତ Orissa State Academy of Public Administration କୁ 5.00 ଲକ୍ଷ ଟଙ୍କାର ଅନୁଦାନ ।
- କୋର୍ଟରେ Video Conferencing ପାଇଁ 5.00 ଲକ୍ଷ ଟଙ୍କା ।
- ସରକାରୀ ଓକିଲ ମାନଙ୍କର Fees clearance 200.00 ଲକ୍ଷ ଟଙ୍କା ।

**ରାଜ୍ୟ ଯୋଜନାର ମୁଖ୍ୟାଂଶ ... 1306.13 କୋଟି ଟଙ୍କା**

ଅନ୍ୟାନ୍ୟ ମୁଖ୍ୟ ଅତିରିକ୍ତ ବ୍ୟୟ ବରାଦ ମଧ୍ୟରେ ନିମ୍ନ ଲିଖିତ ବ୍ୟୟ ବରାଦ ଉଲ୍ଲେଖ ଯୋଗ୍ୟ ।

- ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଇଁ 110.00 କୋଟି ଟଙ୍କା ।
- ବିଜୁ କୃଷକ ଯୋଜନା ପାଇଁ 20.00 କୋଟି ଟଙ୍କା ।
- Interest Subsidy to Cooperatives – Rs.35.00 crore.
- Share Capital for Urban Cooperative Banks – Rs.6.00 crore.
- ବିଦ୍ୟାଳୟ ଓ ଗଣ ଶିକ୍ଷା ପାଇଁ ରାଜ୍ୟ ଯୋଜନାରେ ଅତିରିକ୍ତ 55.75 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି (ମୂଳ ବଜେଟରେ 101.67 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା) । ଏହାଦ୍ୱାରା ସମ୍ପୂର୍ଣ୍ଣ 12 ମାସ Grant-in-Aid, Block Grant ଓ Arrear ଦିଆଯାଇପାରିବ ।
- Oriya Bhasa Pratistan ପାଇଁ 1.00 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ଉଚ୍ଚ ଶିକ୍ଷା ବିଭାଗ ପାଇଁ 67.18 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଉଚ୍ଚ ଶିକ୍ଷା ବିଭାଗ ପାଇଁ current salary ପାଇଁ ସମ୍ପୂର୍ଣ୍ଣ ରୂପେ ବ୍ୟୟ ବରାଦ କରାଯାଇଛି ଏବଂ ଏତଦ୍ ବ୍ୟତୀତ Arrear Grant-in-Aid salary ବାବଦକୁ ମୋଟ ପ୍ରାୟ 13.00 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ କରାଯାଇଛି (ମୂଳ ବଜେଟରେ Arrear ବାବଦକୁ 10.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା) । ମୋଟ Arrear Grant-in-Aid salary – 23.00 କୋଟି ଟଙ୍କା ।
- ଆଦିବସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ Pre-matric Scholarship ବାବଦକୁ 27.48 କୋଟି ଟଙ୍କା ।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ଚପାଇଁ 285.40 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥିମଧ୍ୟରୁ 50.00 ଲକ୍ଷ ଟଙ୍କା ଗୋପବନ୍ଧୁ ଗ୍ରାମୀଣ ଯୋଜନା ଏବଂ ବିଜୁ କେ.ବି.କେ. ଯୋଜନା ଇତ୍ୟାଦିର ପ୍ରସାରଣ ପାଇଁ 40.00 ଲକ୍ଷ ଟଙ୍କା,

ଆନ୍ତର୍ଜାତିକ ବାଣିଜ୍ୟ ମେଳାର ପ୍ରସାରଣ ପାଇଁ, 150.00 ଲକ୍ଷ ଟଙ୍କା ବିଜ୍ଞାପନ ପାଇଁ ଏବଂ 15.00 ଲକ୍ଷ ଟଙ୍କା ସ୍ୱତନ୍ତ୍ର ଉତ୍ସବ ପାଳନ ପାଇଁ ଉଦ୍ଦିଷ୍ଟ ।

- Establishment of Indian Institute of Information Technology – Rs.100.00 lakh
- University of Culture ପାଇଁ 2.00 କୋଟି ଟଙ୍କା to be kept in a Corpus Fund.
- ବିରୂପା–ଗେଙ୍ଗୁଟି ଜଳସେଚନ ପ୍ରକଳ୍ପ ବାବଦକୁ 135.00 ଲକ୍ଷ ଟଙ୍କା ।
- Ground Water Survey & Irrigation Directorate ଅଧୀନରେ ଥିବା ଏନ୍.ଏମ୍.ଆର୍ କର୍ମଚାରୀମାନଙ୍କ ଦରମା ଇତ୍ୟାଦି ବାବଦକୁ 22.51 ଲକ୍ଷ ଟଙ୍କା ।
- AIBP ରେ କରାଯାଇଥିବା 143.60 କୋଟି ଟଙ୍କା ଅତିରିକ୍ତ ବ୍ୟୟ ବରାଦ ମଧ୍ୟରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଓଡିଶା ଅଂଶ ବାବଦକୁ ଝାଡଖଣ୍ଡ ରାଜ୍ୟକୁ ଦେବାକୁ ଥିବା 63.54 କୋଟି ଟଙ୍କା ଅନ୍ତର୍ଭୁକ୍ତ । (Total under AIBP 363.00 + 143.60 crore = 506.60 crore)
- Orissa Community Tank Management Project being apprised by World Bank Rs.100.00 lakh.
- Project reparatory technical assistance for Orissa Integrated Irrigated Agriculture and Water Management Project likely to be assisted by ADB Rs.45.00 lakh (grant approved by ADB)
- Pilot River Basin organisation for Rusukulya basin to be funded by World Bank under Mahanadi Basin Development Plan Rs.25.00 lakh.
- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବଜେଟରେ 25.00 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ କରାଯାଇଛି । ତନ୍ମଧ୍ୟରୁ 2.00 କୋଟି ଟଙ୍କା ନୂଆ ଆୟୁର୍ବେଦ ଓ ହୋମିଓପାଥି ଡାକ୍ତରଖାନାର ଗୃହ ତଥା କାର୍ଯ୍ୟାଳୟ ନିର୍ମାଣ ପାଇଁ ଉଦ୍ଦିଷ୍ଟ ।

- <u>କେନ୍ଦ୍ରୀୟ ଯୋଜନା ପାଇଁ 85.47 କୋଟି ଟଙ୍କା ।</u>

- <u>କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ 178.66 କୋଟି ଟଙ୍କା ।</u>

ଏହିପରି ଭାବେ 2006–07 ଅତିରିକ୍ତ ବଜେଟରେ ଉଭୟ ଯୋଜନା ଓ ଅଣଯୋଜନା ବାବଦରେ 3654.23 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥି ମଧ୍ୟରୁ Revenue Account ରେ 2748.85 କୋଟି ଟଙ୍କା ଓ Capital Account ରେ 905.38 କୋଟି ଟଙ୍କା ଖର୍ଚ୍ଚ ହେବ ।

**ଏହି ଅତିରିକ୍ତ ବ୍ୟୟକୁ କିପରି ଭରଣା କରାଯିବ**

ଏଠାରେ ପ୍ରଶ୍ନ ଉଠିପାରେ ଯେ ଏବଂ କେତେକ କ୍ଷେତ୍ରରେ ମଧ୍ୟ ଏହି ପ୍ରଶ୍ନ ଉଠାଯାଇଛି ଯେ ଚଳିତ ଆର୍ଥିକ ବର୍ଷରେ ବିଜୁ କେ.ବି.କେ ଯୋଜନା ଓ ଗୋପବନ୍ଧୁ ଗ୍ରାମୀଣ ଯୋଜନା ବାବଦରେ ଅର୍ଥ ବ୍ୟବସ୍ଥା 2006–07 ବଜେଟରେ ଅନ୍ତର୍ଭୁକ୍ତ ନଥିଲା ବେଳେ ଏବଂ ଏ ବାବଦରେ ଅର୍ଥ ଗୃହିତ ବ୍ୟବସ୍ଥା ନଥିଲା ବେଳେ ରାଜ୍ୟ ସରକାର ଅଧିକ ଟଙ୍କା କେଉଁଠୁ ପାଇବା ପାଇଁ ଯୋଜନା କରୁଛନ୍ତି ?

ବିଜୁ କେ.ବି.କେ ଯୋଜନା ଓ ଗୋପବନ୍ଧୁ ଗ୍ରାମୀଣ ଯୋଜନା ବାବଦକୁ 2006–07 ଆର୍ଥିକ ବର୍ଷର ଅତିରିକ୍ତ ବଜେଟରେ ବ୍ୟୟ ବରାଦ କରିବା ପାଇଁ ସରକାର ନିଷ୍ପତ୍ତି କରିଛନ୍ତି । ଏ ବାବଦରେ ଯେଉଁ 130.00 କୋଟି ଟଙ୍କାର ବ୍ୟୟ ବରାଦ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି ତାହା ରାଜ୍ୟର ନିଜସ୍ୱ ସମ୍ବଳରୁ ଭରଣା କରାଯିବ ।

2003–04, 2004–05 ଓ 2005–06 ଆର୍ଥିକ ବର୍ଷରେ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ବୃଦ୍ଧିର ହାର ବାର୍ଷିକ ହାରାହାରି 19.54 ଶତାଂଶ ବା 20 ଶତାଂଶ ହୋଇଥିଲା । 2005–06 ଆର୍ଥିକ ବର୍ଷରେ ରାଜ୍ୟର ନିଜସ୍ୱ ଟିକସ ଓ ଅଣ ଟିକସ ସୂତ୍ରରୁ ମୋଟ 6534.18 (Tax 5002.28 + 1531.90 Non-Tax) କୋଟି ଟଙ୍କା ଆଦାୟ ହୋଇଥିଲା ବେଳେ 2006–07 ଆର୍ଥିକ ବର୍ଷରେ ମୂଳ ବଜେଟ ତୁଳନାରେ ପ୍ରାୟ 1400.00 କୋଟି ଟଙ୍କା ହେବ ବୋଲି ପ୍ରାଥମିକ ଆକଳନ କରାଯାଇଛି । ଏତଦ୍ ବ୍ୟତୀତ, ରାଜ୍ୟର ଆର୍ଥିକ ପରିଚାଳନାରେ ଉନ୍ନତି ହୋଇଥିବା ଯୋଗୁ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ 381.90 କୋଟି ଟଙ୍କା ଋଣ ଛାଡ ମଞ୍ଜୁରୀ ହୋଇ ସାରିଲାଣି । ଏଣୁ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ଆୟକୁ ବୃଦ୍ଧି ଏବଂ ଆର୍ଥିକ ସୁପରିଚାଳନାରେ ଉନ୍ନତି ଯୋଗୁ ଋଣ ଛାଡ ଇତ୍ୟାଦି ବାବଦରେ ଯେଉଁ ଅଧିକା ସମ୍ବଳ ଉପଲବ୍ଧ ହେବ ସେଥି ମଧ୍ୟରୁ ବିଜୁ କେ.ବି.କେ ଯୋଜନା ଓ ଗୋପବନ୍ଧୁ ଗ୍ରାମୀଣ ଯୋଜନା ବାବଦକୁ ଅଗ୍ରାଧିକାର ଭିତ୍ତିରେ ଅର୍ଥ ବିନିଯୋଗ କରାଯିବ ।

ମୋଟ ଏହି ଅତିରିକ୍ତ ବ୍ୟୟ 3654.23 କୋଟି ଟଙ୍କା ମଧ୍ୟରୁ 264.13 କୋଟି ଟଙ୍କା କେନ୍ଦ୍ରୀୟ ଯୋଜନା (85.47 କୋଟି ଟଙ୍କା) ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (178.66 କୋଟି ଟଙ୍କା) ପାଇଁ ଉଦ୍ଦିଷ୍ଟ ଅଟେ । ଏହି 264.13 କୋଟି ଟଙ୍କା ଅଧିକ ବ୍ୟୟ ବରାଦ ପାଇଁ ସେହି ପରିମାଣର ଅର୍ଥ କେନ୍ଦ୍ର ସରକାରଙ୍କଠାରୁ କେନ୍ଦ୍ରୀୟ ସହାୟତା ଆକାରରେ ମିଳିପାରିବ ।

- ଅବଶିଷ୍ଟ 3390.10 କୋଟି ଟଙ୍କା ନିମ୍ନଲିଖିତ ଭାବେ ଭରଣା କରାଯାଇ ପାରିବ ବୋଲି ଆକଳନ କରାଯାଇଛି ।
- ଗତବର୍ଷ ଟିକସ ଓ ଅଣଟିକସ ଆଦାୟକୁ ଆଖି ଆଗରେ ରଖି ଏବଂ ଚଳିତ ବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ହୋଇଥିବା ଆଦାୟକୁ ବିଚାରକୁ ନେଇ ଚଳିତ ବର୍ଷ 20 ପ୍ରତିଶତ ଅଭିବୃଦ୍ଧି ହେବ ବୋଲି ଆଶା କରାଯାଉଛି । ଏହିପରି ଭାବେ ଆମେ 1400.00 କୋଟି ଟଙ୍କା ଅଧିକ ପାଇପାରିବା ବୋଲି ଆକଳନ କରାଯାଏ (7840.20 – 6452.98 BE) = 1387.22 or Rs.1400.00 crore).
- କେନ୍ଦ୍ରୀୟ ଟିକସ ବାବଦରେ ଅତିରିକ୍ତ 534.00 କୋଟି ଟଙ୍କା (5852 – 5318.01 BE = 533.99 or say 534.00 ) ।
- ଦ୍ୱାଦଶ ଅର୍ଥକମିଶନଙ୍କ ଅନୁମୋଦନ କ୍ରମେ ଋଣ ଛାଡ ପାଇଁ 382.00 କୋଟି ଟଙ୍କା ।
- ସି.ଆର୍.ଏଫ୍. ଏବଂ ଏନ.ସି.ସି.ଏଫ୍ ଅଧୀନରେ ଅତିରିକ୍ତ କେନ୍ଦ୍ରୀୟ ସହାୟତା 238.66 କୋଟି ଟଙ୍କା (Advance release of Central share for 2007-08 under CRF 58.66 + NCCF release 25.00 + Anticipated 155.00) ।

ଏସବୁ ହିସାବକୁ ନେଲେ ଆମକୁ ବିଭିନ୍ନ ସୂତ୍ରରୁ 2554.60 କୋଟି ଟଙ୍କା ମିଳିବ ବୋଲି ଆଶା କରାଯାଏ ।

Additional resources that may be available during 2006-07 may be of the order of Rs.2554.66 crore or say Rs.2555.00 crore as indicated below.

| | | |
|---|---|---|
| – State's own revenue | - | Rs.1400.00 crore |
| – Share in Central Taxes | - | Rs. 534.00 crore |
| – Debt write off | - | Rs. 382.00 crore |
| | | Rs.2316.00 crore |

- Advance release of central share Rs 58.66 crore
for 2007-08 under CRF on 11.9.2006
- Anticipated release from NCCF - Rs. 180.00 crore
by Government of India
(including Rs.25.00 cr already
released on 11.09.2006)

} Rs,238.66 cr

Total – Rs.2554.66 crore or say Rs.2555.00 crore

ଅବଶିଷ୍ଟ 835.50 କୋଟି ଟଙ୍କା (3390.10 – 2554.60) ବା 836.00 କୋଟି ଟଙ୍କା Accounting Adjustment ଅନୁସାରେ ବା Surrender / Recovery ଇତ୍ୟାଦି ଅନୁସାରେ Adjustment ହେବ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଯଦି Capital Account ରେ Savings ରହିଛି ତାହାକୁ Supplementary ରେ Revenue Account କୁ ନେଲେ ବିଧାନ ସଭାର ଅନୁମୋଦନ ଦରକାର । କିନ୍ତୁ ଏଥି ପାଇଁ ଅଧିକ ସମ୍ବଳର ଆବଶ୍ୟକତା ନାହିଁ, ମାତ୍ର ସେହି ପରିମାଣର Provision Capital Account ରୁ surrender କରିବାକୁ ପଡିବ ।

- ସେହିପରି ପ୍ରଥମେ CRF ବାବଦକୁ କେନ୍ଦ୍ର ସରକାରଙ୍କ ଅଂଶ ଓ ରାଜ୍ୟ ସରକାରଙ୍କ ଅଂଶକୁ ରିଲିଫ୍ ପାଣ୍ଠି (CRF) କୁ transfer କରିବାକୁ ହେଲେ ବଜେଟରେ Reflect କରିବାକୁ ହେବ ଏବଂ ଏଥି ପାଇଁ approval of Legislataure ଦରକାର । ଯେତେବେଳେ ରିଲିଫ୍ ବାବଦକୁ ଖର୍ଚ୍ଚ କରିବାକୁ ହେବ ସେତେ ବେଳେ ମଧ୍ୟ ବିଧାନ ସଭାର ଅନୁମୋଦନ ନେବାକୁ ହେବ । ଉଦାହରଣ ସ୍ୱରୂପ, ପ୍ରଥମେ କେନ୍ଦ୍ର ସରକାରଙ୍କଠାରୁ ପ୍ରାପ୍ତ NCCF ଓ CRF ବାବଦକୁ 238.66 କୋଟି ଟଙ୍କା ଓ ରାଜ୍ୟ ଅଂଶ ବାବଦକୁ 19.55 କୋଟି ଟଙ୍କା ଏହିପରି ଭାବେ 258.21 କୋଟି ଟଙ୍କା ରିଲିଫ୍ ଫଣ୍ଡକୁ transfer କରାଯିବ ଓ ଏଥିପାଇଁ ବିଧାନ ସଭାର ଅନୁମୋଦନ ନେବାକୁ ପଡୁଛି । ରିଲିଫ୍ ବାବଦକୁ ଅତିରିକ୍ତ 418.71 କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେଲେ ସେଥିପାଇଁ ବିଧାନ ସଭାର ଅନୁମୋଦନ ମଧ୍ୟ ଆବଶ୍ୟକ । କିନ୍ତୁ ଏହି 418.71 କୋଟି ଟଙ୍କା ଆଗରୁ ଗଚ୍ଛିତ ଥିବା ରିଲିଫ୍ ଫଣ୍ଡ ଓ ବର୍ତ୍ତମାନ ରିଲିଫ୍ ଫଣ୍ଡକୁ transfer ହେଉଥିବା ଟଙ୍କାରୁ ଉପଲବ୍ଧ ହେବ । ତେଣୁ ରିଲିଫ୍ ବାବଦକୁ ମୋଟ ଅତିରିକ୍ତ ବ୍ୟୟ ବରାଦ 677.22 କୋଟି ଟଙ୍କା (258.21 ର 418.71) କଲାବେଳକୁ ଏଠାରେ 418.71 କୋଟି ଟଙ୍କା Recovery ହିସାବରେ ଦର୍ଶାଇବାକୁ ପଡିଥାଏ ।
- ତେଣୁ ଏହି ଯେଉଁ 835.50 କୋଟି ଟଙ୍କା ବା 836.00 କୋଟି ଟଙ୍କା ଆପାତତଃ Gap ଜଣାପଡୁଛି ତାହା ଏହି Surrender ବା Recovery ରୁ Adjust ହେବ । ଏହାକୁ Accounting Adjustment ବୋଲି ଧରାଯାଏ ।